# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୧୨୦୪ / ସୂ.ଲୋ.ସ., ତା. ୧୯-୧୨-୨୦୧୮.

e-mail- dkl.dipro@gmail.com

ଦୂରଭାଷ- (୦୬୭୬୨)-୨୨୪୪୧୪

# ଡ଼ିଡ଼ିୟୁ-ଜିକେୱାଇ ପରାମର୍ଶ ଶିବିର ଆୟୋଜିତ

ଢେଙ୍କାନାଳ, ତା୧୯.୧୨.୨୦୧୮ରିଖ- ଓଡିଶା ଜୀବିକା ମିଶନ, ଢେଙ୍କାନାଳଦ୍ୱାରା ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ପରାମର୍ଶ ଶିବିର ଆଜି ପୂର୍ବାହ୍ନରେ ଢେଙ୍କାନାଳ ସଦର ବ୍ଲକ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଶିବିରରେ ଢେଙ୍କାନାଳ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମିନତୀ ନାୟକ ଅଧ୍ୟକ୍ଷତାକରି କହିଥିଲେ ଯେ, ଗ୍ରାମାଞ୍ଚଳର ଯୁବକ ଓ ଯୁବତୀମାନଙ୍କୁ ଦକ୍ଷତା ଟ୍ରେନିଙ୍ଗ୍ ଦ୍ୱାରା ଅଧିକ ରୋଜଗାରକ୍ଷମ କରିବା ପାଇଁ ସରକାରଙ୍କ ଅଭିନବ ରୋଜଗାର ବ୍ୟବସ୍ଥା ।ଦୀନଦୟାଲ ଗ୍ରାମୀଣ କୌଶଲ୍ୟ ଯୋଜନା ହେଉଛି ସରକାରଙ୍କର ଏକ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ଟ୍ରେନିଙ୍ଗ୍ ଓ ଧନ୍ଦାମୂଳକ ଜାତୀୟ କାର୍ଯ୍ୟକ୍ରମ । ଏହି ଟ୍ରେନିଙ୍ଗ୍ କାର୍ଯ୍ୟକ୍ରମଦ୍ୱାରା ଯୁବକ ଓ ଯୁବତୀମାନେ ନିଜର କ୍ଷମତା ବଢାଇ ଭଲ ରୋଜଗାରର ସୁଫଳ ପାଇପାରିବେ ।

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା କହିଥିଲେ ଯେ, ବେସରକାରୀ କମ୍ପାନୀମାନଙ୍କର ୧୭ଟି ଟ୍ରେଡ୍‌ର ମେମ୍ବର ଆସି ନିଜର ଷ୍ଟଲ ଖୋଲିଛନ୍ତି । ଆଗାମୀ ୫ବର୍ଷରେ ପୃଥିବୀରେ ଆବଶ୍ୟକତାଠାରୁ ପ୍ରାୟ ଅଧିକାଂଶ କୁଶଳୀ କାରିଗର ନିଅଣ୍ଟ ପଡ଼ିବେ । ତେଣୁ ଆମ ଦେଶରେ ଯୁବଗୋଷ୍ଠୀଙ୍କ ଆଗରେ ପ୍ରଚୁର କର୍ମ ସଂସ୍ଥାନ ସହିତ ଭଲ ରୋଜଗାରର ଏକ ଅପୂର୍ବ ସୁଯୋଗ ଅପେକ୍ଷା କରି ରହିଛି । ଏହି ଯୋଜନା ଗ୍ରାମାଞ୍ଚଳର ସମସ୍ତ ଯୁବକ ଓ ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଏହି ଶିବିରରେ ଓର୍‌ମାସର, ସହକାରୀ ନିର୍ଦ୍ଦେଶକ ଶ୍ରୀ ସଞ୍ଜିବ କୁମାର ମହାନ୍ତି କହିଥିଲେ ଯେ, ଗରିବୀ ସୀମାରେଖା ତଳେଥିବା ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତ ବା ସ୍ୱଳ୍ପଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ଭାରତ ସରକାର ଓ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ଦକ୍ଷତା ତାଲିମ୍‌ଦେଇ ତାଙ୍କୁ ଚାକିରୀ ପାଇଁ ସକ୍ଷମ କରିବା । ଟ୍ରେନିଂ ସମୟରେ ମାଗଣାରେ ସୁବ୍ୟବସ୍ଥିତ ରହିବା ଓ ଖାଇବାର ବ୍ୟବସ୍ଥା, କୌଣସି ପ୍ରକାରର ଟ୍ରେନିଂଙ୍ଗ୍ ଫି ନାହିଁ, ସୁଦକ୍ଷ ପ୍ରଶିକ୍ଷକ, ଉତ୍ତମ ଶ୍ରେଣୀଗୃହ ଓ ଉନ୍ନତ ପ୍ରୟୋଗଶାଳା ମାଧ୍ୟମରେ ଶିକ୍ଷା ପ୍ରଦାନ, ବିଦେଶରେ ମୋଟା ଅଙ୍କରେ ଚାକିରୀ, ଦେଶ ଭିତରେ ଭଲ ଦରମାରେ ନିଯୁକ୍ତି, ଏକ କୁଶଳୀ କାରିଗର ହୋଇ ସ୍ୱରୋଜଗାରୀ ହେବାର ପନ୍ଥା । ପ୍ରତ୍ୟେକ ଯୁବକ ଓ ଯୁବତୀମାନଙ୍କର ଯୋଗ୍ୟତା ଗୁଡ଼ିକହେଲା, ପ୍ରାର୍ଥୀ ଦାରିଦ୍ର ସୀମାରେଖା ତଳେ ଥିବା ଆବଶ୍ୟକ ଓ ଗ୍ରାମାଞ୍ଚଳରୁ ଆସିଥିବା ଆବଶ୍ୟକ ।

ଏହି ଶିବିରରେ ସଦର ବିଡିଓ ଶ୍ରୀ ସରୋଜକାନ୍ତ ଦତ୍ତ ସ୍ୱାଗତ ଭାଷଣ ଦେଇଥିଲେ ଓ କହିଥିଲେ ଯେ ଏହି ଯୋଜନା ଗ୍ରାମାଞ୍ଚଳର ସମସ୍ତ ଯୁବକ ଓ ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଏହି ଶିବିରରେ ପୌରପରିଷଦର ଉପାଧ୍ୟକ୍ଷ ଶ୍ରୀ କୋଦଣ୍ଡଧର ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଝାଡ଼େଶ୍ୱର ଦାଶ, ପି.ଆର୍.ଆଇ. ମେମ୍ବର ଓ ସାଧାରଣ ଜନତା ଉପସ୍ଥିତ ଥିଲେ ।

---

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ହେମନ୍ତ କୁମାର ନାୟକ ୧୯/୧୨/୨୦୧୮

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,

ଢେଙ୍କାନାଳ